# NATIONAL NEWS BULLETIN (ODIA)

## 15 March - 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ଦେଶର ସାମଗ୍ରିକ ବିକାଶ କ୍ଷେତ୍ରରେ ଦିବ୍ୟାଙ୍ଗ ଜନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି - କହିଲେ ରାଷ୍ଟ୍ରପତି ।
- ଦୁଇଦିନିଆ ଆସାମ ଗସ୍ତ ଅବସରରେ ଆଜି ସିଲଚରଠାରେ ୨୩ହଜାର ୫୫୦କୋଟି ଟଙ୍କା ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ ।
- ପୁଞ୍ଜିନିବେଶ ଓ ବିନିର୍ମାଣ କ୍ଷେତ୍ରରେ ଭାରତ ବିଶ୍ୱସ୍ତରରେ ଏକ ପସନ୍ଦଯୋଗ୍ୟ ଦେଶଭାବେ ଉଭା ହୋଇଛି - ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀଙ୍କ ସୂଚନା ।
- ଅନ୍‌ଲାଇନ୍ ଅପରାଧର ସମୟୋଚିତ ଅନୁସନ୍ଧାନ କରି ଦୋଷୀଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ଉପରେ ସ୍ୱରାଷ୍ଟ୍ର ସଚିବଙ୍କ ଗୁରୁତ୍ୱାରୋପ ।

ଏବଂ

- ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ କ୍ୱାଲିଫାୟାର୍ସ ୨୦୨୬ର ଫାଇନାଲରେ ପ୍ରବେଶ କଲା ଭାରତୀୟ ମହିଳା ଦଳ ।

## ପିଏମ୍‌-ମାଇଁ ଭାରତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ମାଇଁ ଭାରତ ବଜେଟ୍ କ୍ୱେଷ୍ଟ ୨୦୨୬ ରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ବିଜେତାମାନଙ୍କ ସହିତ ଆଲୋଚନା କରିବେ। ଏହି ପଦକ୍ଷେପ ଯୁବପିଢ଼ିଙ୍କୁ କେନ୍ଦ୍ରୀୟ ବଜେଟ୍ ଉପରେ ଆଲୋଚନା କରିବାକୁ ଏବଂ ବିକଶିତ ଭାରତ ଦୃଷ୍ଟିକୋଣ ଉପରେ ସେମାନଙ୍କ ମତାମତ ଦେବାଲାଗି ସୁଯୋଗ ପ୍ରଦାନ କରିବ । ୨୦୪୭ ସୁଦ୍ଧା ଆତ୍ମନିର୍ଭର ବିକଶିତ ଭାରତ ଗଠନ କ୍ଷେତ୍ରରେ ଯୁବପିଢ଼ିର ଭୂମିକାକୁ ସୁଦୃଢ଼ କରିବା ଏହି ଆଲୋଚନାର ଉଦ୍ଦେଶ୍ୟ ରହିଛି । ମାଇଁ ଭାରତ ବଜେଟ୍ କ୍ୱେଷ୍ଟ ୨୦୨୬ କୁ ବିପୁଳ ପ୍ରତିକ୍ରିୟା ମିଳିଛି । ୧୨ ଲକ୍ଷରୁ ଅଧିକ ଯୁବ ପ୍ରତିଯୋଗୀ ଏଥିରେ ଭାଗନେବା ସହ ପ୍ରାୟ ୪୭ହଜାର ପ୍ରବନ୍ଧ ଦାଖଲ ହୋଇଛି। ୨୦୨୬ କେନ୍ଦ୍ରୀୟ ବଜେଟ୍‌କୁ ଯୁବ ଶକ୍ତି-ଚାଳିତ ବଜେଟ୍ ଭାବରେ ସ୍ୱୀକୃତି ଦିଆଯାଇଛି; ଯାହା ଶିକ୍ଷା,

ଦକ୍ଷତା, ଉଦ୍ୟୋଗ, ନବସୃଜନ ଏବଂ ଭବିଷ୍ୟତ ପାଇଁ ବିଭିନ୍ନ ଉପାୟରେ ଭାରତର ଯୁବପିଢ଼ିଙ୍କୁ ସଶକ୍ତ କରିବ।

## ଇଣ୍ଡିଆନ ନାଭି ଓ୍ୱାର୍କସିପ୍

ଭାରତ ଆଡକୁ ଆସୁଥିବା ବାଣିଜ୍ୟିକ ଜାହାଜଗୁଡ଼ିକୁ ସହାୟତା କରିବା ପାଇଁ ପାରସ୍ୟ ଉପସାଗର ନିକଟରେ ଭାରତୀୟ ନୌସେନାର ଅନେକ ଯୁଦ୍ଧଜାହାଜ ମୁତୟନ କରାଯାଇଛି। ସୂଚନା ଅନୁଯାୟୀ ବାଣିଜ୍ୟିକ ଜାହାଜଗୁଡ଼ିକୁ ଆବଶ୍ୟକ ସାହାଯ୍ୟ ଓ ସହାୟତା ଯୋଗାଇବା ପାଇଁ ଭାରତୀୟ ନୌସେନାର ଯୁଦ୍ଧଜାହାଜ ପ୍ରସ୍ତୁତ ରହିଛି। ପୂର୍ବରୁ, ଇରାନ କର୍ତ୍ତୃପକ୍ଷଙ୍କ ଦ୍ୱାରା ତରଳ ପେଟ୍ରୋଲିୟମ୍ ଗ୍ୟାସ୍ ବହନ କରୁଥିବା ଦୁଇଟି ଭାରତୀୟ ଜାହାଜକୁ ହର୍ମୁଜ୍ ପ୍ରଣାଳୀ ଦେଇ ପରିବହନ ଅନୁମତି ଦିଆଯାଇଥିଲା। ଚଳିତମାସ ୨୧ ସୁଦ୍ଧା ଏହା ଗନ୍ତବ୍ୟସ୍ଥଳରେ ପହଞ୍ଚିବ ବୋଲି ଆଶା କରାଯାଉଛି।

## ଆରାଗାଛି-ଷ୍ଟ୍ରେଟ୍ ଅଫ୍ ହରମୋଜ୍

ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଗାଛି କହିଛନ୍ତି ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ୍ ପ୍ରଣାଳୀ ଅନ୍ତର୍ଜାତୀୟ ପରିବହନ ପାଇଁ କାର୍ଯ୍ୟକ୍ଷମ ରହିଛ । କିନ୍ତୁ ଆମେରିକା ଏବଂ ଇସ୍ରାଏଲ ସହିତ ଜଡିତ ଜାହାଜଗୁଡ଼ିକୁ ଜଳପଥ ଦେଇ ଯିବାକୁ ଅନୁମତି ନାହିଁ ବୋଲି ସେ କହିଛନ୍ତି । ସାମ୍ପ୍ରତିକ ସାମରିକ ଘଟଣା ପରେ ସୃଷ୍ଟି ହୋଇଥିବା ଉତ୍ତେଜନା ମଧ୍ୟରେ ସେ ଏହି ମନ୍ତବ୍ୟ ଦେଇଛନ୍ତି ।  ଆମେରିକୀୟ କେବୁଲ ନ୍ୟୁଜ୍ ଚ୍ୟାନେଲ ସହିତ ଏକ ସାକ୍ଷାତକାରରେ, ଆରାଗାଛି କହିଛନ୍ତି ସାମୁଦ୍ରିକ ପଥ ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇନାହିଁ। ପାରସ୍ୟ ଓ ଓମାନ ଉପସାଗର ମଧ୍ୟରେ ସଂକୀର୍ଣ୍ଣ ସମୁଦ୍ର ରାସ୍ତାରେ ଅନେକ ଭାରତୀୟ ଜାହାଜ ସମେତ ଶହ ଶହ ଜାହାଜ ଫସି ରହିଥିବା ସତ୍ତ୍ୱେ ଇରାନ ମନ୍ତ୍ରୀ ଏହି ଦାବି କରିଛନ୍ତି। ସେ କହିଛନ୍ତି ଅନ୍ୟ ରାଷ୍ଟ୍ରଗୁଡ଼ିକ ପାଇଁ ଏହି ପଥ ଦେଇ ଯିବା ପାଇଁ କୌଣସି ପ୍ରତିବନ୍ଧକ ସୃଷ୍ଟି କରାଯାଇ ନାହିଁ । ସେ କହିଛନ୍ତି ଯେ ଉତ୍ତେଜନା ବୃଦ୍ଧି ସତ୍ତ୍ୱେ ଅନେକ ଟ୍ୟାଙ୍କର୍ ଏବଂ ମାଲବାହୀ ଜାହାଜ ଏବେ ବି ହରମୁଜ ପ୍ରଣାଳୀ ଦେଇ ଗତି କରୁଛି।

# ଟ୍ରମ୍ପ-ହରମୁଜ ଷ୍ଟ୍ରେଟ୍

ଆମେରିକା-ଇରାନ ମଧ୍ୟରେ ଉତ୍ତେଜନାମୂଳକ ପରିସ୍ଥିତି ତୃତୀୟ ସପ୍ତାହରେ ପହଞ୍ଚିଥିବାବେଳେ ତେହେରାନ ଦ୍ୱାରା ହରମୁଜ ପ୍ରଣାଳୀ ବନ୍ଦ କରିବା ଲାଗି ଉଦ୍ୟମ ଫଳରେ ଅନେକଗୁଡ଼ିଏ ଦେଶ କ୍ଷତିଗ୍ରସ୍ତ ହୋଇଛନ୍ତି । ସଂପୃକ୍ତ ଦେଶଗୁଡ଼ିକୁ ଜାହାଜ ପଠାଇବା ଲାଗି ଆମେରିକା ରାଷ୍ଟ୍ରପତି  ଆହ୍ୱାନ ଦେଇଛନ୍ତି । ସାମାଜିକ ଗଣମାଧ୍ୟମ 'ଟ୍ରୁଥ୍'ରେ ଡୋନାଲ୍ଡ ଟ୍ରମ୍ପ ଚୀନ୍, ଫ୍ରାନ୍ସ, ଜାପାନ, ଦକ୍ଷିଣ କୋରିଆ, ୟୁକେ ଏବଂ ଅନ୍ୟାନ୍ୟ ଦେଶଗୁଡ଼ିକୁ ହର୍ମୁଜ୍ ପ୍ରଣାଳୀକୁ ଜାହାଜ ପଠାଇବାକୁ ଅନୁରୋଧ କରିଛନ୍ତି । ସେ କହିଛନ୍ତି ଆମେରିକା ସଂପୃକ୍ତ ସ୍ଥାନରେ ବୋମାବର୍ଷଣ ସହ ଇରାନର ଜାହାଜ ଗୁଡ଼ିକ ଉପରେ ଆକ୍ରମଣ ଜାରି ରଖିବ। ହରମୁଜ୍ ପ୍ରଣାଳୀରେ ପ୍ରତିବନ୍ଧକ ସୃଷ୍ଟି ଯୋଗୁଁ ବିଶ୍ୱ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇଛି । ଶ୍ରୀ ଟ୍ରମ୍ପ ଦାବି କରିଛନ୍ତି ଯେ ଆମେରିକା ଇରାନର ସାମରିକ କ୍ଷମତାର ଶତପ୍ରତିଶତ ନଷ୍ଟ କରିସାରିଛି । ଅନ୍ୟପକ୍ଷରେ ହରମୁଜ ପ୍ରଣାଳୀରେ ତୈଳ ରପ୍ତାନୀରେ ବାଧା ସୃଷ୍ଟି ହେଉଥିବାରୁ ବିଶ୍ୱର ବିଭିନ୍ନ ଦେଶରେ ସଙ୍କଟ ଦେଖାଦେଇଛି ।

## ଏମ୍‌ଇଏ-ପାକ୍ ଆଫଗାନ

ଆଫଗାନିସ୍ତାନରେ ପାକିସ୍ତାନ ଦ୍ୱାରା କରାଯାଇଥିବା ବିମାନ ଆକ୍ରମଣକୁ ଭାରତ ଦୃଢ଼ ନିନ୍ଦା କରିଛି । ଏହି ଆକ୍ରମଣରେ ଅନେକ ସାଧାରଣ ଲୋକଙ୍କ ମୃତ୍ୟୁ ହେବାସହ ବ୍ୟାପକ ଭିତ୍ତିଭୂମି ନଷ୍ଟ ହୋଇଛି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ, ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଆଫଗାନିସ୍ତାନର ସାର୍ବଭୌମ ଚିନ୍ତାଧାରା ବିରୋଧୀ ପାକିସ୍ତାନର ଆଉ ଏକ ଆକ୍ରମଣ। ସେ କହିଛନ୍ତି, ଭାରତ ଆଫଗାନିସ୍ତାନର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତାକୁ ପୂର୍ଣ୍ଣ ସମ୍ମାନ ଦିଆଯିବା ଉପରେ ଗୁରୁତ୍ୱ ପ୍ରଦାନ କରୁଛି ।

## ଶ୍ରୀଲଙ୍କା - କ୍ୟୁଆର୍ କୋଡ୍

ଶ୍ରୀଲଙ୍କାର ଶକ୍ତି ମନ୍ତ୍ରଣାଳୟ ଆଜି ସକାଳ ୬ଟାରୁ ଇନ୍ଧନ ଚାହୁଁଥିବା ସମସ୍ତ ଯାନବାହନ ପାଇଁ **QR** କୋଡ୍ ପଞ୍ଜୀକରଣ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରିଛି। ବୈଧ ପଞ୍ଜୀକୃତ **QR** କୋଡ୍ ନଥିଲେ ଉପଭୋକ୍ତାମାନଙ୍କୁ ଇନ୍ଧନ ଦିଆଯିବ ନାହିଁ । ମଧ୍ୟପ୍ରାଚ୍ୟରେ ସୃଷ୍ଟି ହୋଇଥିବା ପରିସ୍ଥିତି ଯୋଗୁଁ ବିଶ୍ୱ

ଇନ୍ଧନ ଯୋଗାଣ ମାର୍ଗରେ ଦେଖାଦେଇଥିବା ଅସୁବିଧା ପାଇଁ ଚାହିଦା ବୃଦ୍ଧି ପାଉଥିବାରୁ ଏଭଳି ବ୍ୟବସ୍ଥା କରାଯାଇଛି । ସେଠାକାର ଅଧିକାରୀମାନେ କହିଛନ୍ତି ଦେଶରେ  ଅତ୍ୟାବଶ୍ୟକୀୟ ଆର୍ଥିକ କାର୍ଯ୍ୟକଳାପକୁ ବଜାୟ ରଖିବା ପାଇଁ ସୀମିତ ଇନ୍ଧନ ସଂରକ୍ଷଣକୁ ସତର୍କତାର ସହିତ ପରିଚାଳନା କରିବାକୁ ପଡିବ। **QR** କୋଡ ବ୍ୟବସ୍ଥା ଅନୁଯାୟୀ ସମସ୍ତଙ୍କ ପାଇଁ ଇନ୍ଧନ ଉପଲବ୍ଧତା ନିଶ୍ଚିତ କରାଯାଇପାରିବ । ଶ୍ରୀଲଙ୍କାରେ ୨୦୨୨ ମସିହାରେ ଆର୍ଥିକ ସଙ୍କଟ ସମୟରେ **QR** କୋଡ୍ ଆଧାରିତ ବ୍ୟବସ୍ଥା ଲାଗୁ କରାଯାଇଥିଲା।

## ସିକ୍କିମ ଫିଲ୍ମ

ସିକ୍କିମ ଚଳଚ୍ଚିତ୍ର 'ଶେପ୍ ଅଫ୍ ମୋମୋ' ଆନ୍ତର୍ଜାତିକ ମହୋତ୍ସବ ଧାରାରେ ଏହାର ସଫଳ ଯାତ୍ରା ଜାରି ରଖିଛି, ଗ୍ଲାସେ୍‌ଗା ଚଳଚ୍ଚିତ୍ର ମହୋତ୍ସବରେ ଏହି ଚଳଚ୍ଚିତ୍ରର ପ୍ରଦର୍ଶନ କରାଯାଇଛି ।

ତ୍ରିବେଣୀ ରାୟଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ଶେପ୍ ଅଫ୍ ମୋମୋ' ସମ୍ପ୍ରତି ଇଟାଲୀରେ ସିନେମା ଲେଖକ, ସାହିତ୍ୟିକ ଏବଂ ସମସାମୟିକ ଚିନ୍ତାଧାରା ସମ୍ପର୍କିତ ପ୍ରଦର୍ଶନୀରେ ପ୍ରଶଂସା ଅର୍ଜନ କରିଛି । ଚଳିତ ମାସ

ଶେଷରେ ସେଠାରେ ଆୟୋଜନ ହେବାକୁ ଥିବା ୩୫ତମ ଆଫ୍ରିକୀୟ, ଏସୀୟ ଏବଂ ଲାଟିନ୍ ଆମେରିକୀୟ ଚଳଚ୍ଚିତ୍ର ମହୋତ୍ସବରେ ମଧ୍ୟ  ଏହି ଚଳଚ୍ଚିତ୍ର ପ୍ରତିଯୋଗିତା କରିବ । 'ଓ୍ୱିଣ୍ଡୋଜ୍ ଅନ୍ ଦି ଓ୍ୱାର୍ଲ୍ଡ' ଫିଚର୍ ଫିଲ୍ମ ବର୍ଗରେ ପ୍ରତିଯୋଗିତା ପାଇଁ ଏହି ଚଳଚ୍ଚିତ୍ର ପାଇଁ ମନୋନୀତ କରାଯାଇଛି ।

ସୂଚନା ଅନୁଯାୟୀ ସେପ୍ ଅଫ୍ ମୋମୋ ରୁଷର 'ସ୍ପିରିଟ୍ ଅଫ୍ ଫାୟାର ଇଣ୍ଟରନ୍ୟାସନାଲ୍ ଡେବ୍ୟୁ ଫିଲ୍ମ ଫେଷ୍ଟିଭାଲ୍', ଆମଷ୍ଟରଡାମର ସିନେମା ଏସିଆ ଫିଲ୍ମ ଫେଷ୍ଟିଭାଲରେ ପ୍ରତିଯୋଗିତାରେ ଭାଗ ନେବ ବୋଲି ଜଣାପଡିଛି ।

# ବିସିସିଆଇ – ନମନ ଆଓ୍ୱାର୍ଡ

ନୂଆଦିଲ୍ଲୀରେ ଆଜି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ-ବିସିସିଆଇ ନମନ ପୁରସ୍କାର ୨୦୨୬ରେ ଭାରତୀୟ କ୍ରିକେଟ୍ ତାରକା ଏବଂ ଅବଦାନକାରୀଙ୍କ ସଫଳତାକୁ ପାଳନ କରିବ। ଏହି ଉତ୍ସବରେ କ୍ରିକେଟ୍ କିମ୍ବଦନ୍ତୀ ରୋଜର ବିନ୍ନି ଏବଂ ରାହୁଲ ଦ୍ରାବିଡଙ୍କୁ କର୍ଣ୍ଣେଲ ସି.କେ. ନାୟୁଡୁ ଜୀବନବ୍ୟାପୀ ସାଧନା ପୁରସ୍କାର ମିଳିବ । ପୂର୍ବତନ ଭାରତୀୟ ମହିଳା ଅଧିନାୟକ ମିତାଲି ରାଜଙ୍କୁ ବିସିସିଆଇ ଜୀବନବ୍ୟାପୀ

ସାଧନା ପୁରସ୍କାର ଓ ନମନ ପୁରସ୍କାର ପ୍ରଦାନ କରାଯିବ। ଭାରତୀୟ ଟେଷ୍ଟ ଏବଂ ଏକଦିବସୀୟ ଅଧିନାୟକ ଶୁଭମନ ଗିଲ୍ ଦ୍ୱିତୀୟ ଥର ପାଇଁ ପୁରୁଷ ବର୍ଗରେ ଶ୍ରେଷ୍ଠ ଅନ୍ତର୍ଜାତୀୟ କ୍ରିକେଟର୍ ଭାବେ ପଲି ଉମ୍ରିଗର ପୁରସ୍କାର ଓ ସ୍ମୃତି ମନ୍ଧାନା ପଞ୍ଚମ ଥର ପାଇଁ ମହିଳା ବର୍ଗରେ ଶ୍ରେଷ୍ଠ ଅନ୍ତର୍ଜାତୀୟ କ୍ରିକେଟର୍ ପୁରସ୍କାର ପାଇବେ। ଘରୋଇ କ୍ରିକେଟରେ, ମୁମ୍ବାଇର ଇରା ଯାଦବ ଜଗମୋହନ ଡାଲମିଆ ଟ୍ରଫି ଏବଂ ଶଫାଲି ବର୍ମାଙ୍କୁ ଶ୍ରେଷ୍ଠ ମହିଳା କ୍ରିକେଟର ଭାବରେ ସମ୍ମାନିତ କରାଯିବ।

ଆଜିର ଉତ୍ସବରେ ମୁମ୍ବାଇ କ୍ରିକେଟ ଆସୋସିଏସନକୁ ଏହାର ଉତ୍କୃଷ୍ଟ ଘରୋଇ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯିବ ।

## ଏଫ୍ଆଇଏଚ୍ ଓ୍ୱିମେନ୍ସ ହକି

ଏଫଆଇଏଚ୍ ମହିଳା ହକି ବିଶ୍ୱ କ୍ୱାଲିଫାୟରର ଫାଇନାଲରେ ଗତକାଲି ସଂଧ୍ୟାରେ ହାଇଦ୍ରାବାଦର ଜିଏମ୍ସି ବାଲଯୋଗୀ ହକି ପଡିଆରେ ଅନୁଷ୍ଠିତ ମ୍ୟାଚ୍‌ରେ ଇଂଲଣ୍ଡ ୨-୦ ଗୋଲରେ ଭାରତକୁ ପରାସ୍ତ କରିଛି । ତଥାପି ନେଦରଲ୍ୟାଣ୍ଡ ଏବଂ ବେଲଜିୟମ ଦ୍ୱାରା ମିଳିତ ଭାବରେ ଆୟୋଜିତ ହେବାକୁ ଥିବା ଏହି ବର୍ଷର ମେଗା-ଇଭେଣ୍ଟରେ ଭାରତ ସ୍ଥାନ ପାଇବାରେ

ସଫଳ ହୋଇଛି । ଚାମ୍ପିଅନ୍ ଇଂଲଣ୍ଡ ବ୍ୟତୀତ, ଉପବିଜେତା ଭାରତ ଏବଂ ସ୍କଟଲାଣ୍ଡ, ଇଟାଲୀକୁ ୧-୦ ଗୋଲରେ ପରାସ୍ତ କରିଥିବାବେଳେ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଚଳିତବର୍ଷ ଅଗଷ୍ଟ ୧୪ରୁ ୩୦ ତାରିଖ ପର୍ଯ୍ୟନ୍ତ ନେଦରଲ୍ୟାଣ୍ଡ ଏବଂ ବେଲଜିୟମ ଦ୍ୱାରା ମିଳିତ ଭାବରେ ବିଶ୍ୱକପ୍ ଆୟୋଜନ କରାଯିବ।

## ସ୍ୱିସ୍ ଓପନ ୨୦୨୬

ବ୍ୟାଡମିଣ୍ଟନରେ, ଇଣ୍ଡୋନେସିଆର ପୁଟ୍ରି କୁସୁମା ଓ୍ୱାର୍ଡାନି ଗତକାଲି ଓକୁହାରା ନୋଜୋମିଙ୍କୁ ୨୧-୧୬, ୨୧-୧୩ ରେ ପରାସ୍ତ କରି ସ୍ୱିସ୍ ଓପନ୍ ୨୦୨୬ ମହିଳା ସିଙ୍ଗଲ୍ସ ବ୍ୟାଡମିଣ୍ଟନ ଫାଇନାଲକୁ ଉନ୍ନୀତ ହୋଇଛନ୍ତି । ଫାଇନାଲରେ ଓ୍ୱାର୍ଡାନି ବିଶ୍ୱର ସପ୍ତମ ମାନ୍ୟତାପ୍ରାପ୍ତ ସୁପାନିଦା କାଟେଥାଙ୍ଗଙ୍କ ବିପକ୍ଷରେ ଖେଳିବେ । ଆଜି ମହିଳା ସିଙ୍ଗଲ୍ସ ଫାଇନାଲ ଅନୁଷ୍ଠିତ ହେବ।